# ଆଜିଠୁ ଆରମ୍ଭ ହେଲା ସ୍ୱଚ୍ଛତା ହିଁ ସେବା ଅଭିଯାନ

- **ସାଲିଆ ସାହିରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ପୁରୁଣା ଭୁବନେଶ୍ୱରରେ ରାଜ୍ୟ ଉପ ସଭାପତି ସମୀର ମହାନ୍ତି କଲେ ଶୁଭାରମ୍ଭ**
- **ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ 'ସ୍ୱଚ୍ଛତା ହିଁ ସେବା ଅଭିଯାନ'ର ଶୁଭାରମ୍ଭ**

**ଭୁବନେଶ୍ୱର, ତା୧୫/୦୯ :** ସ୍ୱଚ୍ଛ ଭାରତ ଅଭିଯାନର ଚତୁର୍ଥ ବର୍ଷ ପୂର୍ତ୍ତି ଏବଂ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ଜୟନ୍ତୀକୁ ସ୍ମରଣୀୟ କରିବା ଲାଗି ସାରା ଦେଶରେ ଆରମ୍ଭ ହୋଇଛି 'ସ୍ୱଚ୍ଛତା ହିଁ ସେବା ଅଭିଯାନ' । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଅଭିଯାନର ଶୁଭାରମ୍ଭ କରିବା ସହ ଭିଡିଓ କନଫେରନ୍ସିଂ ମାଧ୍ୟମରେ ଦେଶର ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି ।

ସେହିପରି ଆଜି ଭୁବନେଶ୍ୱର ନୟାପଲ୍ଲୀ ସାଲିଆସାହିରେ କେନ୍ଦ୍ର ଆଦିବାସୀ କଲ୍ୟାଣ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ 'ସ୍ୱଚ୍ଛତା ହିଁ ସେବା ଅଭିଯାନ'ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ଓରାମ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ହାତକୁ ନେଇ ସାହି ଭିତରେ ଥିବା ଅଳିଆ ଆବର୍ଜନାକୁ ଝାଡୁ ମାରିବା ସହ ସାହି ବାସିନ୍ଦାଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପ ନେଇ କାର୍ଯ୍ୟ କରିବା ଦରକାର ବୋଲି ଶ୍ରୀ ଓରାମ ତାଙ୍କ ବାର୍ତ୍ତାରେ କହିଥିଲେ । ଶ୍ରୀ ଓରାମ ପରିବେଶ ସୁରକ୍ଷାକୁ ନେଇ ବାର୍ତ୍ତା ଦେବା ସହ ନିଜେ ବୃକ୍ଷରୋପଣ କରିଥିଲେ । ଶ୍ରୀ ଓରାମ ସ୍ୱଚ୍ଛ ଭାରତ ମିଶନରେ କେନ୍ଦ୍ର ସରକାରଙ୍କ ଉପଲବ୍ଧି ସ୍ଥାନୀୟ ବାସିନ୍ଦାଙ୍କୁ ଅବଗତ କରାଇଥଲେ । ଏହି ଅବସରରେ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆଙ୍କ ସମେତ ବହୁ ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ସେହିପରି ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ କ୍ଲବ ପଡିଆରେ ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି 'ସ୍ୱଚ୍ଛତା ହିଁ ସେବା ଅଭିଯାନ' ଶୁଭାରମ୍ଭ କରିଛନ୍ତି । ସ୍ୱଚ୍ଛତା ପ୍ରତି ଅଧିକ ସାର୍ବଜନୀନ ଭାଗୀଦାରିତା ସୃଷ୍ଟି କରାଯିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ । ଏହି ଅଭିଯାନ ଜାତିର ପିତାଙ୍କ ପ୍ରତି ଏକ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଶେଷଦେବ ଗରାବଡୁ, ତୃପ୍ତିମୟୀ ମକଦମ୍, ଶୁଭାଷିନୀ ପୃଷ୍ଟିଙ୍କ ସମେତ ବହୁ ଯୁବ ଓ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

ଭୁବନେଶ୍ୱର ସମେତ ରାଜ୍ୟରେ କଟକ, ବାଲେଶ୍ୱର, ସମ୍ବଲପୁର, ସୁନ୍ଦରଗଡ, ବ୍ରହ୍ମପୁର, ଜଗତସିଂହପୁର, ଅନୁଗୁଳ, ଯାଜପୁର, ଜୟପୁର, ବଲାଙ୍ଗୀର, ଭଦ୍ରକ, ବରଗଡ, ଦେବଗଡ, କଳାହାଣ୍ଡି, ଝାରସୁଗୁଡା, ପୁରୀ, ଖୋର୍ଦ୍ଧା, ନବରଙ୍ଗପୁର ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

**(ବିଜେପି ମିଡିଆ ସେଲ୍)**